SD & TE

# PRESS BRIEF

## Nutana Unnata Abhilasha (NUA) Odisha

The Cabinet approved the Nutana Unnata Abhilasha (NUA) Odisha scheme with an outlay of Rs. 385.00 crores to skill a lakh of youth every year in the State during next 3 years.

The scheme will work towards addressing the scarcity of skilled human resources in emerging trades by offering high-quality training, fostering industry linkages, and enhancing employability skills. It will also help to bridge the skill-gap in utilization of new-age technologies in traditional sectors (handicraft, handloom, agriculture), etc. Offerings will include fresh skilling for youths, add-on-courses for existing students, digital and e-courses for youths in higher educational institutions, employability skills for students in various institutions, etc.

To be implemented across the 30 Districts in the State, skilling, reskilling, and upskilling opportunities will be provided through Skilling Institutions of the SD & TE Department (ITI, Polytechnic, etc.), Govt Skilling Institutions, Educational Institutions, Clusters (MSME, Agriculture, Craft, etc).

Credible Program Implementing Agencies comprising reputed industries and training providers, industry associations, etc will be onboarded to deliver the skilling programmes through an enabling policy framework based on differential and incentive-based approach.

The establishment of state-of-the-art training centres, well-equipped labs, and a strong skilling ecosystem will further facilitate strengthening the Skilled-in-Odisha brand.

As envisaged in the Budget 2023-24, NUA Odisha reflects the commitment of the Government to ensure transformation of human lives through Skilling leading to economic empowerment.

SD&TE

<u>ପ୍ରେସ୍ ବିଜ୍ଞପ୍ତି</u>

# ନୂତନ ଉନ୍ନତ ଅଭିଳାଷା (NUA) ଓଡ଼ିଶା

ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟରେ ପ୍ରତିବର୍ଷ ଏକ ଲକ୍ଷ ଯୁବକଯୁବତୀଙ୍କୁ ଦକ୍ଷ କରିବା ପାଇଁ ୩୮୫.୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ନୂତନ ଉନ୍ନତ ଅଭିଳାଷା (NUA) ଓଡ଼ିଶା ଯୋଜନାକୁ କ୍ୟାବିନେଟ୍ ଅନୁମୋଦନ କରିଛି।

ଉନ୍ନତମାନର ପ୍ରଶିକ୍ଷଣ ପ୍ରଦାନ, ଶିଳ୍ପ ସଂଯୋଗକୁ ପ୍ରୋତ୍ସାହିତ କରିବା ଏବଂ ନିଯୁକ୍ତି ଦକ୍ଷତା ବୃଦ୍ଧି କରି ଉଦୀୟମାନ କ୍ଷେତ୍ରରେ ଦକ୍ଷ ମାନବ ସମ୍ବଳର ଅଭାବକୁ ଦୂର କରିବା ଦିଗରେ ଏହି ଯୋଜନା କାର୍ଯ୍ୟ କରିବ । ପାରମ୍ପରିକ କ୍ଷେତ୍ର (ହସ୍ତଶିଳ୍ପ, ହସ୍ତତନ୍ତ, କୃଷି ଇତ୍ୟାଦି)ରେ ନୂତନ ଯୁଗର ଜ୍ଞାନକୌଶଳର ବ୍ୟବହାରରେ ଥିବା ଦକ୍ଷତା-ବ୍ୟବଧାନକୁ ଦୂର କରିବାରେ ଏହା ସହାୟକ ହେବ। ଏଥିରେ ଯୁବବର୍ଗଙ୍କ ପାଇଁ ନୂତନ ଦକ୍ଷତା, ବିଦ୍ୟମାନ ଛାତ୍ରଛାତ୍ରୀଙ୍କ ପାଇଁ ଆଡ୍ ଅନ୍ ସ୍କିଲ୍ ପାଠ୍ୟକ୍ରମ, ଉଚ୍ଚ ଶିକ୍ଷାନୁଷ୍ଠାନରେ ଯୁବକମାନଙ୍କ ପାଇଁ ଡିଜିଟାଲ ଓ ଇ-ପାଠ୍ୟକ୍ରମ, ବିଭିନ୍ନ ଅନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ପାଇଁ ନିଯୁକ୍ତି ଦକ୍ଷତା ଇତ୍ୟାଦି ରଖାଯିବ।

ରାଜ୍ୟର ୩୦ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଥିବା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଦକ୍ଷତା ଅନୁଷ୍ଠାନ (ଆଇଟିଆଇ, ପଲିଟେକ୍ନିକ୍ ଇତ୍ୟାଦି), ସରକାରୀ ଦକ୍ଷତା ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, କ୍ଲଷ୍ଟର (ଏମ୍ଏସ୍ଏମ୍ଇ, କୃଷି, ହସ୍ତଶିଳ୍ପ ଇତ୍ୟାଦି) ମାଧ୍ୟମରେ ଦକ୍ଷତା, Reskilling ଏବଂ Upskilling ସୁଯୋଗ ଯୋଗାଇ ଦିଆଯିବ।

ପ୍ରତିଷ୍ଠିତ ଶିଳ୍ପ ଏବଂ ପ୍ରଶିକ୍ଷଣ ପ୍ରଦାନକାରୀ, ଶିଳ୍ପ ସଂଘ ଇତ୍ୟାଦିଙ୍କୁ ନେଇ ଗଠିତ ବିଶ୍ୱସନୀୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ସଂସ୍ଥା ଗୁଡ଼ିକୁ ଭିନ୍ନ ଏବଂ ପ୍ରୋତ୍ସାହନ ଭିତ୍ତିକ ଆଭିମୁଖ୍ୟ ଉପରେ ଆଧାରିତ ଏକ ସକ୍ଷମ ନୀତି ଡାଞ୍ଚା ମାଧ୍ୟମରେ ଦକ୍ଷତା କାର୍ଯ୍ୟକ୍ରମ ପ୍ରଦାନ କରିବା ପାଇଁ ନିୟୋଜିତ କରାଯିବ ।

ରାଜ୍ୟରେ ଅତ୍ୟାଧୁନିକ ପ୍ରଶିକ୍ଷଣ କେନ୍ଦ୍ର, ସୁସଜ୍ଜିତ ଲ୍ୟାବ୍ ଏବଂ ଏକ ସୁଦୃଢ଼ ଦକ୍ଷତା ପରିବେଶ ପ୍ରତିଷ୍ଠା ହେଲେ 'ସ୍କିଲ୍ଡ-ଇନ୍-ଓଡ଼ିଶା' ବ୍ରାଣ୍ଡକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ।

୨୦୨୩-୨୪ ବଜେଟରେ ପରିକଳ୍ପନା କରାଯାଇଥିବା ଅନୁଯାୟୀ, NUA ଓଡ଼ିଶା ଅର୍ଥନୈତିକ ସଶକ୍ତୀକରଣ ଦିଗରେ ଦକ୍ଷତା ମାଧ୍ୟମରେ ରାଜ୍ୟବାସୀଙ୍କ ଜୀବନରେ ପରିବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ଓଡିଶା ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।